# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 4 November - 2024
***********************************

# ମୁଖ୍ୟମନ୍ତ୍ରୀ-ନୂଆଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା କେନ୍ଦ୍ରୀୟ ହିନ୍ଦୀ ସମିତି ବୈଠକରେ ଶ୍ରୀ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ହିନ୍ଦି ଭାଷାର ପ୍ରଚାର, ପ୍ରସାର ନେଇ ଏହି ବୈଠକରେ ବିଶଦ ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ମହତାବଙ୍କ ଜୟନ୍ତୀ

ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ବର୍ଷେବ୍ୟାପୀ ପାଳନ କରାଯିବ । ଓଡ଼ିଆ ଭାଷାସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଡକ୍ଟର ମହତାବଙ୍କ ଜୟନ୍ତୀ ପାଳନ ପାଇଁ ଗଠିତ ଶୀର୍ଷ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଭୁବନେଶ୍ୱରରେ ଆସନ୍ତା ୨୧ରୁ ୨୩ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ମହା ସମାରୋହ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବୈଠକରେ ଯୋଗଦେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଏନେଇ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକ

ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍କଳ ବିଶ୍ୱବିଦ୍ୟାଳୟରେ ମହତାବ କେନ୍ଦ୍ର ପ୍ରତିଷ୍ଠାନ ନେଇ ପ୍ରସ୍ତାବ ଦେଇଛନ୍ତି । ବୈଠକରେ ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ବିଭାଗୀୟ ବରିଷ୍ଠ ପଦାଧିକାରୀ ଯୋଗଦେଇ ଜୟନ୍ତୀ ପାଳନ ସମ୍ପର୍କରେ ମତ ବିନିମୟ କରିଥିଲେ ।

## ମେଘନାଦ ପାଚେରୀ ମରାମତି

ପୁରୀ ଶ୍ରୀମନ୍ଦିର ମେଘନାଦ ପାଚେରୀର ମରାମତି ଲାଗି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ମେଘନାଦ ପାଚେରୀରେ ସୃଷ୍ଟ ଫାଟ ଦେଇ ଶୀମନ୍ଦିର ବର୍ଜ୍ୟ ଜଳ ପ୍ରବାହିତ ହେଉଥିବା ଆଧାରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା କହିଛନ୍ତି । ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ଏଏସ୍‌ଆଇ ଓ ଶ୍ରୀମନ୍ଦିର ପ୍ରଶାସନର ଟେକ୍ନିକାଲ ଟିମ୍ ସ୍ଥିତିକୁ ଅନୁଧ୍ୟାନ କରିଛନ୍ତି । ଏଥିପାଇଁ ଆବଶ୍ୟକ ପଦକ୍ଷେପ ଯଥାଶୀଘ୍ର ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ନବ ଓଡିଶା ଭବନ ନିର୍ମାଣ

ନୂଆଦିଲ୍ଲୀଠାରେ ନବ ଓଡ଼ିଶା ଭବନ ନିର୍ମାଣ ନେଇ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ପୂର୍ତ୍ତବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପୁରୁଣା କୋଠାକୁ ଭାଙ୍ଗି ସେହି ସ୍ଥାନରେ ନୂତନ ଭବନ ନିର୍ମାଣ

କରାଯିବ । ୪୦ କୋଟି ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଏହି କୋଠାର ନିର୍ମାଣ ନେଇ ପ୍ରସ୍ତାବ ରହିଛି ।

## ଟୋଲ୍ ଆଦାୟ-ସ୍ୱତନ୍ତ୍ର ପଦକ୍ଷେପ

ଏକାଧିକ ଲେନ୍ ଥିବା ରାଜପଥ ଗୁଡ଼ିକରେ ଟୋଲ ଆଦାୟ ସହ ସୁବ୍ୟବସ୍ଥିତ ଯାତ୍ରାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି । ବ୍ୟାଙ୍କଗୁଡ଼ିକ ଜରିଆରେ ଟୋଲ୍ ସଂଗ୍ରହ ପାଇଁ ନିଷ୍ପତ୍ତି ନିଆଯାଇଛି । ପ୍ରଥମଥର ପାଇଁ ଲାଗୁ ହେବାକୁ ଥିବା ଏଭଳି ବ୍ୟବସ୍ଥା ପ୍ରଥମେ ଦିଲ୍ଲୀ ଗୁରଗାଓଁ ସୀମାରେ ଥିବା ଦ୍ୱାରକା ଏକ୍ସପ୍ରେସ୍‌ୱେରେ କାର୍ଯ୍ୟକାରୀ କରାଯିବାକୁ ପଦକ୍ଷେପ ନିଆଯାଉଛି । ନୂଆ ବ୍ୟବସ୍ଥା ଅନୁଯାୟୀ କ୍ଷତ୍ରୀୟ ଉପକରଣ ଏବଂ ସେନ୍‌ସର ଭିତ୍ତିରେ ଏହାକୁ କାର୍ଯ୍ୟକାରୀ କରାଯିବ ।

## ବିପିୟୁଟି ଟେକ୍ କାର୍ଣ୍ଣିଭାଲ

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଜି ବିପିୟୁଟି ଟେକ୍ କାର୍ଣ୍ଣିଭାଲ ୨୦୨୪ ଆୟୋଜିତ ହୋଇଛି । ଏଥିରେ ୩ଟି ବିଭାଗର ୫୦ଟି ବର୍ଗରେ ଅନୁଷ୍ଠିତ ହେବାକୁ ଥିବା ବିଭନ୍ନ ପ୍ରତିଯୋଗିତାରେ ୧୫୦ରୁ ଅଧିକ ମହାବିଦ୍ୟାଳୟ ପାଖାପାଖି ଦେଢ଼ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ ଗତକାଲି ସାମ୍ବାଦିକମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି

ଉଦ୍‌ଘାଟନୀ ସମାରୋହରେ ରାଜ୍ୟପାଳ ରଘୁବର ଦାସ ଯୋଗଦେବେ । ୨୧ ତାରିଖରେ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି ।

## ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁର ଏବଂ ବ୍ରହ୍ମପୁର ଉପଖଣ୍ଡ ଶାଖାର ଜନସ୍ୱାସ୍ଥ୍ୟ କର୍ମଚାରୀଙ୍କ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ଛତ୍ରପୁର ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ନୂତନ କର୍ମକର୍ତ୍ତା ଚୟନ ସହ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଛତ୍ରପୁର, ଭଞ୍ଜନଗର, ଆସିକା ଏବଂ ଫୁଲବାଣୀ ଶାଖାର ଜନସ୍ୱାସ୍ଥ୍ୟ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ ।

## ହରିହର ବେଶ

କାର୍ତ୍ତିକମାସ ଶୁକ୍ଲପକ୍ଷ ତୃତୀୟ ସୋମବାର ଅବସରରେ ଆଜି ରାଜ୍ୟର ଶୈବପୀଠ ଗୁଡ଼ିକରେ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଛି । ପୁରୀ ଶ୍ରୀମନ୍ଦିରରେ ବଡଠାକୁର ପ୍ରଭୁ ବଳଭଦ୍ରଙ୍କର ହରିହର ବେଶ ଆଜି ଅନୁଷ୍ଠିତ ହେବ । ଅବକାଶ ନୀତି ପରେ ଠାକୁରଙ୍କୁ ଏହି ବେଶରେ ସଜ୍ଜିତ କରାଯିବ । ଅନ୍ୟପକ୍ଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ରାଧା ଦାମୋଦର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ।

## କାଳୀ ଭସାଣ

କଟକରେ ଗତ ମଧ୍ୟରାତ୍ରି ସୁଦ୍ଧା ୨୫ରୁ ଊର୍ଦ୍ଧ୍ୱ କାଳୀ ପ୍ରତିମା ବିସର୍ଜିତ ହୋଇସାରିଛି । ବାକି ପ୍ରତିମାଗୁଡ଼ିକର ବିସର୍ଜନ ଆଜି ସକାଳୁ ଆରମ୍ଭ ହୋଇଛି । ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିବା ଜଣାପଡିଛି ।

## ରେଳମଣ୍ଡଳ-ଦୁର୍ନୀତି ନିବାରଣ ସପ୍ତାହ

ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଦୁର୍ନୀତି ନିବାରଣ ସମ୍ପର୍କିତ ସଚେତନତା କର୍ମଶାଳା, ରେଳ କର୍ମଚାରୀଙ୍କ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ପେଣ୍ଟିଂ ପ୍ରତିଯୋଗିତା ତଥା କର୍ମଚାରୀଙ୍କ ପାଇଁ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା । ରେଳମଣ୍ଡଳ ଅଧୀନସ୍ଥ ସବୁ ପ୍ରତିଷ୍ଠାନରେ ବ୍ୟାନର ଏବଂ ପୋଷ୍ଟର ମାଧ୍ୟମରେ ଏନେଇ ସଚେତନତା ସୃଷ୍ଟି କରାଯାଇଥିଲା । ଉଦ୍‌ଯାପନ ସମାରୋହ ଅବସରରେ ଗତକାଲି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ଖୋର୍ଦ୍ଧାରୋଡ ରେଳଷ୍ଟେସନ ଠାରେ ଏକ ପଥପ୍ରାନ୍ତ ନାଟକ ଆୟୋଜିତ ନାଟକ ହୋଇଥିଲା ।

# ପାଣିପାଗ

ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗରରେ ଆସନ୍ତା କାଲି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇପାରେ । ଆଜି ପାଗ ପ୍ରାୟ ଶୁଖିଲା ରହିବ । ଗଞ୍ଜାମ ଏବଂ ପୁରୀ ଜିଲ୍ଲାରେ ଆସନ୍ତାକାଲି ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।